# COURSE OF STUDY

## DISCIPLINE : PRE – Ph.D. COURSE WORK IN ODIA

## ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ

## (ଓଡ଼ିଆ, ଇଂରାଜୀ, ଉର୍ଦ୍ଦୁ)

**P. G. DEPARTMENT OF LANGUAGE AND LITERATURE**

**(ODIA, ENGLISH, URDU)**

## ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସ ବିହାର,
## ବାଲେଶ୍ୱର, ଓଡ଼ିଶା

## FAKIR MOHAN UNIVERSITY, VYASAVIHAR,
## BALASORE, ODISHA

**ପ୍ରକ୍ – ବିଦ୍ୟା ବାରିଧି ପାଠ୍ୟକ୍ରମ – ୨୦୧୭ ଶିକ୍ଷାବର୍ଷ ଠାରୁ ପ୍ରଚଳିତ**

Pre – Ph.D.  Course work - From 2017

**ପାଠ୍ୟ ବିନ୍ୟାସ / Structure 4**

| | | |
|---|---|---|
| (କ) | ପାଠ୍ୟକ୍ରମ ସମୟ ଅବଧି | ୬ମାସ |
| (ଖ) | ପତ୍ର ସଂଖ୍ୟା | ୩ |
| (ଗ) | ସମୁଦାୟ ପାଠ୍ୟ ମୂଲ୍ୟାଙ୍କ | ୩୦୦ |
| (ଘ) | ପ୍ରତ୍ୟେକ ପତ୍ରର ମୂଲ୍ୟାଙ୍କ - | |
| | ମୁଖ୍ୟ ପରୀକ୍ଷା - | ୮୦ |
| | ଅନ୍ତରୀଣ ପରୀକ୍ଷା - | ୨୦ |
| | ମୋଟ - | ୧୦୦ |

## ସବିଶେଷ ପାଠ୍ୟକ୍ରମ

## ପ୍ରଥମ ପତ୍ର : ଗବେଷଣା ପଦ୍ଧତି ଓ ବିଧାନ

| | | |
|---|---|---|
| ୧ମ ଏକକ (ୟୁନିଟ୍ – ୧) | : | ଗବେଷଣାର ସଂଜ୍ଞା, ସ୍ୱରୂପ, ପ୍ରକାରଭେଦ, ଉଦ୍ଦେଶ୍ୟ, ସାହିତ୍ୟ ଗବେଷଣାର ପରିସର, ସଂଭାବ୍ୟ ଦିଗ ଓ ବିଷୟ କ୍ଷେତ୍ର ଅଧ୍ୟୟନ |
| ୨ୟ ଏକକ (ୟୁନିଟ୍ – ୨) | : | ସାହିତ୍ୟ ଗବେଷଣାର ପ୍ରକାରଭେଦ, ଗବେଷଣା ଓ ସମାଲୋଚନା ଗବେଷଣାର ବିଭିନ୍ନ ସ୍ତର, ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ |
| ୩ୟ ଏକକ (ୟୁନିଟ୍ – ୩) | : | ଗବେଷଣା ପଦ୍ଧତି ଓ ଗବେଷଣାତ୍ମକ ବିଧାନ, ସନ୍ଦର୍ଭ ପ୍ରସ୍ତୁତି । |

(ବି.ଦ୍ର : ଏହି ପତ୍ରଟି ସିଧାସଳଖ ଶ୍ରେଣୀ ପାଠଦାନ ଅନ୍ତର୍ଭୁକ୍ତ ହେବ । ୭୫% ଶ୍ରେଣୀ ଉପସ୍ଥାନ ରହିଲେ ବିଦ୍ୟାର୍ଥୀ ପରୀକ୍ଷା ପାଇଁ ଉପଯୁକ୍ତ ହେବେ ।)

## ଦ୍ୱିତୀୟ ପତ୍ର : ସ୍ୱତନ୍ତ୍ର ପତ୍ର

| | | |
|---|---|---|
| ୧ମ ଏକକ (ୟୁନିଟ୍ – ୧) | : | ଆଧୁନିକ କବିତା |
| ୨ୟ ଏକକ (ୟୁନିଟ୍ – ୨) | : | କଥା ସାହିତ୍ୟ |
| ୩ୟ ଏକକ (ୟୁନିଟ୍ – ୩) | : | ନାଟ୍ୟ ସାହିତ୍ୟ |

| | | |
|---|---|---|
| ୪ର୍ଥ ଏକକ (ୟୁନିଟ୍ – ୪) | : | ପ୍ରବନ୍ଧ ସାହିତ୍ୟ |
| ୫ମ ଏକକ (ୟୁନିଟ୍ – ୫) | : | ଲୋକ ସାହିତ୍ୟ |

(ବି.ଦ୍ର : ଗବେଷକ ଏହି ୫ଟି ବିଭାଗ ମଧ୍ୟରୁ ଯେକୌଣସି ଗୋଟିଏ ବିଭାଗ ସମ୍ପର୍କରେ ଅଧ୍ୟୟନ କରିପାରିବେ । ସେହି ବିଭାଗର ଦିଗଦର୍ଶକ ଅଥବା ଶିକ୍ଷକ ସ୍ୱତନ୍ତ୍ର ଭାବେ ଦିଗଦର୍ଶକ ଶ୍ରେଣୀ ପାଠଦାନ ଗବେଷକ / ଗବେଷିକା ମାନଙ୍କୁ ପ୍ରଦାନ କରିବେ ।

## ତୃତୀୟ ପତ୍ର : ସମୀକ୍ଷା ପତ୍ର

| | | |
|---|---|---|
| ୧ମ ଏକକ (ୟୁନିଟ୍ – ୧) | : | ପୁସ୍ତକ ସମୀକ୍ଷା |
| ୨ୟ ଏକକ (ୟୁନିଟ୍ – ୨) | : | କ୍ଷେତ୍ର ଅଧ୍ୟୟନ ବା ବିବରଣୀମୂଳକ ସମୀକ୍ଷା |
| ୩ୟ ଏକକ (ୟୁନିଟ୍ – ୩) | : | ନିଜ ସନ୍ଦର୍ଭ ପ୍ରସଙ୍ଗ ସହିତ ସମ୍ପର୍କିତ ବିଷୟରେ ୧୫୦୦ ଶବ୍ଦ କିମ୍ବା ୧୦ – ୧୫ ପୃଷ୍ଠା ମଧ୍ୟରେ ଗୋଟିଏ ସମୀକ୍ଷା ପତ୍ର ପ୍ରସ୍ତୁତ କରି ଗବେଷକ ଉପସ୍ଥାପନ କରିବେ । |

(ବି.ଦ୍ର : ଅତି କମରେ ଜଣେ ଗବେଷକ ୫୦% ନମ୍ବର ରଖିଲେ ସେ ପ୍ରାକ୍-ପିଏଚ. ଡ଼ି କୋର୍ସ-ୱାର୍କ ସଫଳତାର ସହିତ ସମ୍ପାଦନ କରିଛନ୍ତି ବୋଲି ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହେବେ ।)

# ପାଠ୍ୟକ୍ରମର ଆଭିମୁଖ୍ୟ

**ପାଠ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ** : (OBJECTIVES)

- ଭାଷା ଓ ସାହିତ୍ୟର ବିବିଧ ବିଷୟରେ ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପ୍ରସ୍ତୁତ ପାଠ୍ୟକ୍ରମର ମୌଳିକ ଲକ୍ଷ୍ୟ।
- ଶିକ୍ଷାର ଅର୍ଥ କେବଳ ସାକ୍ଷରତାକୁ ବୁଝାଏ ନାହିଁ, ଏହାର ପ୍ରକୃତ ଅର୍ଥ ମାର୍ଜିତ ଜ୍ଞାନ ଓ ପରିଷ୍କୃତ ବିବେକ। ଏହି ଭାବଧାରାକୁ ଦୃଷ୍ଟିରେ ରଖି ଭାଷା – ସାହିତ୍ୟର ଅଧିତ ବିଷୟ ବସ୍ତୁକୁ ଜ୍ଞାନ ଓ ବ୍ୟାବହାରିକ ବିଦ୍ୟାରେ ବଦଳାଇ ଛାତ୍ରଛାତ୍ରୀ ମାନଙ୍କୁ ଜୀବନ ନିର୍ମାଣ ଓ ଜୀବିକା ଜୀବନ ନିର୍ବାହର ମାର୍ଗ ଦର୍ଶନ କରାଇବା ଏହାର ଉଦ୍ଦେଶ୍ୟ।
- ଛାତ୍ରଛାତ୍ରୀ ମାନଙ୍କର ଲିଖନ କଳାର ବିକାଶ, ବ୍ୟାକରଣ ଜ୍ଞାନର ଅଭିବୃଦ୍ଧି, ଅଫିସିକ ଲିଖନ କଳାର ବିକାଶ ଘଟାଇବା ଦିଗରେ ଏହା ଉପଯୋଗୀ ।
- ପ୍ରସଙ୍ଗ ଭିତ୍ତିକ ସମ୍ବାଦ ଲିଖନ ଓ ପରିବେଷଣ, ସାହିତ୍ୟ ଓ ଗଣମାଧ୍ୟମ ପରିଚାଳନାର ଉପାୟ, ଅନୁବାଦ କଳା, ବିଜ୍ଞାପନ ପ୍ରସ୍ତୁତି କୌଶଳ, ଘୋଷଣା ଓ ଆବୃତ୍ତି କଳା ଏବଂ ଆତ୍ମନିର୍ଭରଶୀଳ ଜ୍ଞାନର ବିକାଶ ପ୍ରତି ଗୁରୁତ୍ୱ ପ୍ରଦାନ ଏହି ପାଠ୍ୟଖସଡ଼ାର ବିଶେଷତ୍ୱ।
- ବିଦ୍ୟାର୍ଥୀ ମାନଙ୍କୁ ସମୟୋପଯୋଗୀ କରାଇବା ସହିତ ନିଜକୁ ମୂଲ୍ୟାୟନଯୋଗ୍ୟ କରିବାର କୌଶଳ ଶିକ୍ଷା ପ୍ରତି ଏଥିରେ ଗୁରୁତ୍ୱ ଦିଆଯାଇଛି।
- କମ୍ପ୍ୟୁଟର୍ ସମ୍ପର୍କିତ ମୌଳିକ ଧାରଣା ଓ ଇଣ୍ଟରନେଟ୍ ବ୍ୟବହାର ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧିକୁ ଏଥିରେ ଗୁରୁତ୍ୱ ଦିଆଯାଇଛି।
- ଉଭୟ ପ୍ରାଚ୍ୟ ସାହିତ୍ୟ ତତ୍ତ୍ୱ ଓ ଭାରତୀୟ ସାହିତ୍ୟ ତତ୍ତ୍ୱ ସମ୍ପର୍କିତ ସବିଶେଷ ଅଧ୍ୟୟନ ଉପରେ ଗୁରୁତ୍ୱ ଦିଆଯାଇଛି।
- ଓଡ଼ିଆ ସାହିତ୍ୟର ସୁପ୍ରତିଷ୍ଠିତ ସାହିତ୍ୟିକ ମାନଙ୍କର ସୃଜନକର୍ମ, ସୃଜନରୀତି, ଓଡ଼ିଆ ଭାଷା, ଆଞ୍ଚଳିକ ଭାଷା, ଲୋକସଂସ୍କୃତି, ଓଡ଼ିଶାର ଆଦିବାସୀ ଲୋକସାହିତ୍ୟ ପ୍ରଭୃତି ବିଷୟରେ ଅଧ୍ୟୟନ ଓ ଗବେଷଣା ପ୍ରତି ପ୍ରାଧାନ୍ୟ ଦିଆଯାଇଛି।
- ଓଡ଼ିଆ ଭାଷାତତ୍ତ୍ୱ, ଗବେଷଣା ପଦ୍ଧତି, ସମାଲୋଚନା ରୀତି ସମ୍ବନ୍ଧୀୟ ଅଧ୍ୟୟନକୁ ବିଶେଷ ଗୁରୁତ୍ୱ ଦିଆଯାଇଛି।
- ବିଦ୍ୟାର୍ଥୀ ମାନଙ୍କର ସର୍ଜନଶୀଳ ଜ୍ଞାନ, ପ୍ରସ୍ତୁତ ଲେଖାର ତଥ୍ୟ, ଭାଷା, ଯୁକ୍ତି, ଉପସ୍ଥାପନା କୌଶଳକୁ ଦୃଷ୍ଟିରେ ରଖି ସାପ୍ତାହିକ ବିଦ୍ୟାର୍ଥୀ ପାଠଚକ୍ର, ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ଭୂମିକା ଉପରେ ପ୍ରାଧାନ୍ୟ ଦିଆଯାଇଛି।
- ଆସ୍ଥା ଓ ପସନ୍ଦ ଭିତ୍ତିକ ବିଷୟ ଅଧ୍ୟୟନ ବ୍ୟବସ୍ଥା ମାଧ୍ୟମରେ ଭାଷା - ସାହିତ୍ୟ ବିଭାଗର ଛାତ୍ରଛାତ୍ରୀ ସମାଜ ବିଜ୍ଞାନ, ରାଜନୀତି ବିଜ୍ଞାନ, ପରିବେଶ ବିଜ୍ଞାନ, ଅର୍ଥନୀତି ବିଦ୍ୟା,

ପରିଚାଳନା ବିଦ୍ୟା, ସମ୍ବାଦ ଓ ଗଣଯୋଗାଯୋଗ ଆଦି ବିଷୟ ମଧ୍ୟରୁ କୌଣସି ଏକ ନିର୍ଦ୍ଦିଷ୍ଟ ବିଭାଗର ପାଠ୍ୟକ୍ରମରେ ନିଜ ପସନ୍ଦ ମୁତାବକ ଯୋଗଦେଇ ଅଧ୍ୟୟନ କରିବାର ସୁଯୋଗ ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ବିଭାଗରୁ ଅନ୍ୟ ବିଦ୍ୟାର ବିଦ୍ୟାର୍ଥୀମାନେ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ଅଧ୍ୟୟନ କରିବାର ବ୍ୟବସ୍ଥା ପାଠ୍ୟକ୍ରମରେ ରହିଥିବା ହେତୁ ଏହା ଛାତ୍ରଛାତ୍ରୀ ମାନଙ୍କ ଜ୍ଞାନର ବିକାଶ ଦୃଷ୍ଟିରୁ ସହାୟକ ଓ ଉପକାରକ।

## ପୂର୍ବ ପ୍ରସ୍ତୁତି : (pre – requisite)

ଏଥି ନିମିତ୍ତ ନିମ୍ନୋକ୍ତ ଦିଗ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ :-

- ପାଠ୍ୟକ୍ରମ ଓ ପାଠ୍ୟଚର୍ଚ୍ଚା ପ୍ରସଙ୍ଗରେ ପ୍ରତିଶ୍ରୁତିବଦ୍ଧ ହେବା ।
- ନିର୍ଦ୍ଧାରିତ ସମୟ ମଧ୍ୟରେ ପାଠ୍ୟ ବିଷୟବସ୍ତୁର ପରିସମାପ୍ତି ।
- ପାଠ୍ୟଦାନ ପ୍ରତି ସଚେତନ ଓ ସମ୍ବେଦନଶୀଳ ରହିବା ।
- ପାଠ୍ୟକ୍ରମ ଓ ପାଠ୍ୟଚର୍ଚ୍ଚା ସମ୍ପର୍କରେ ବିଦ୍ୟାର୍ଥୀ ମାନଙ୍କ ବୋଧଶକ୍ତି ଉଜ୍ଜୀବିତ କରିବା ପାଇଁ ପ୍ରାଧାନ୍ୟ ଦେବା ।
- ପ୍ରତ୍ୟେକ ୟୁନିଟର ପାଠଦାନ ପରେ ବିଦ୍ୟାର୍ଥୀଙ୍କ ମୌଖିକ ଓ ଲିଖିତ ପରୀକ୍ଷଣ ।

## ଶିକ୍ଷାଦାନ ଯୋଜନା: (Teaching Scheme)

- ବିଦ୍ୟାର୍ଥୀ କୈନ୍ଦ୍ରୀକ ଅଧ୍ୟାପନାକୁ ପ୍ରାଥମିକତା ଦେଇ ନିୟମିତ ଶିକ୍ଷାଦାନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ।
- ଶ୍ରେଣୀ ପରିଚାଳନା କ୍ଷେତ୍ରରେ ଆବଶ୍ୟକ ସ୍ଥଳେ ବୈଦୁତିକ ଶୈକ୍ଷିକ ମାଧ୍ୟମ, ଇଣ୍ଟର୍ନେଟ ମାଧ୍ୟମ ତଥା ଆଇ.ସି.ଟି ଉପକରଣ ଗୁଡ଼ିକର ଉପଯୋଗ କରଯାଏ।
- ଆନ୍ତର୍ବିଦ୍ୟା ଅଧ୍ୟୟନ ଜରିଆରେ ଛାତ୍ରଛାତ୍ରୀ ମାନଙ୍କର ଜ୍ଞାନଶକ୍ତିକୁ ଅଧିକ ପ୍ରସାରିତ କରିବା ନିମିତ୍ତ ଭାଷା – ସାହିତ୍ୟର ନିର୍ଦ୍ଦିଷ୍ଟ ବିଷୟର ବିଷୟ ବିଜ୍ଞ ଅଧ୍ୟାପକ / ଅଧ୍ୟାପିକା ମାନଙ୍କ ଦ୍ୱାରା ଶିକ୍ଷାଦାନର ସୁଯୋଗ ସୃଷ୍ଟି କରାଯାଇଥାଏ ।
- ଛାତ୍ରଛାତ୍ରୀ ମାନଙ୍କର ବୋଧଶକ୍ତିକୁ ଗୁରୁତ୍ୱ ଦେଇ ସହଜ ଭାବରେ ପାଠ୍ୟ ବିଷୟ ବସ୍ତୁକୁ ଉପସ୍ଥାପନ କରିବା ନିମିତ୍ତ ବାର୍ଷିକ ପାଠ୍ୟ ଯୋଜନା, ଏକକ ବିଧି ଓ ଦୈନିକ ପାଠ୍ୟଦାନ ଯୋଜନା ଆଧାରରେ ପୂର୍ଣ୍ଣତଃ ଶ୍ରେଣୀଶିକ୍ଷା ଦାନକୁ ଗୁରୁତ୍ୱ ଦିଆଯାଏ।

## ପାଠ୍ୟକ୍ରମ ଫଳାଫଳ: (Course outcome )

- ଭାଷାର ପ୍ରାୟୋଗିକ ଦିଗ ସମ୍ପର୍କରେ ଗବେଷଣା କରିବାର ସୁଯୋଗ ସୃଷ୍ଟି ।
- ସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କର ଦକ୍ଷତାରେ ବୃଦ୍ଧି ।
- ପାଠ୍ୟଧାରାର ଅବଧି ସମାପ୍ତି ପରେ ବିଦ୍ୟାର୍ଥୀମାନେ ଅଧିତ ବିଷୟରେ ପାରଦର୍ଶିତା ଲାଭକରି ନିଜ ମେଧାଶକ୍ତିର ସୁବିନିଯୋଗ ଦ୍ୱାରା **ଏନ୍. ଇ. ଟି., ଜେ. ଆର୍. ଏଫ୍., ଏସ୍. ଏସ୍. ବି., ଓ. ପି. ଏସ୍.**

**ସି.** ଇତ୍ୟାଦି ପରୀକ୍ଷା ସମେତ ଅନ୍ୟାନ୍ୟ ନିଯୁକ୍ତି ଭିତ୍ତିକ – ପ୍ରତିଯୋଗିତା ମୂଳକ ପରୀକ୍ଷା ଗୁଡ଼ିକରେ କୃତକାର୍ଯ୍ୟ ହେବାପାଇଁ ଯୋଗ୍ୟ ହୋଇପାରିବେ।

- ଆବଶ୍ୟକ ସ୍ଥଳେ ଓଡ଼ିଆ ସାହିତ୍ୟର କ୍ରମବିକାଶରେ ନୂତନ ଧାରା ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପାଦନ କରିଥିବା ସାହିତ୍ୟ ଓ ସାହିତ୍ୟିକଙ୍କୁ ଏବଂ ଉତ୍ତର ଓଡ଼ିଶାର ଅନାଲୋଚିତ ପ୍ରତିଭାବାନ୍ ଲେଖକ ମାନଙ୍କ ଲେଖାକୁ ପ୍ରାସଙ୍ଗିକତା ଆଧାରରେ ସନ୍ଦର୍ଭ ପ୍ରସ୍ତୁତିର ପରିସରଭୁକ୍ତ କରାଯାଇ ପାରିବ।
- **ସର୍ବୋପରି ସାମ୍ପ୍ରତିକ ସମାଜରେ ଜଣେ ଉଚ୍ଚକୋଟୀର ମଣିଷ ଭାବରେ ଜୀବନ ନିର୍ବାହ କରିବା ଓ ନିଜ ଚତୁଃପାର୍ଶ୍ୱର ବାତାବରଣରେ ସକାରାତ୍ମକ ଭାବ-ସ୍ପନ୍ଦନ ସୃଷ୍ଟି କରିବା ପାଇଁ ଏହା ବଳିଷ୍ଠ ପ୍ରେରଣା ପ୍ରଦାନ କରିବାରେ ସକ୍ଷମ ।**